ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୩-୧୨-୨୦୧୮ ଗୁରୁବାର

ସମ୍‌ରେ ବିରଳ ଅସ୍ତ୍ରୋପଚାର

ସୁସ୍ଥ ଶିଶୁ ସହ ଗର୍ଭବତୀଙ୍କ ପେଟରୁ ବାହାରିଲା ୪ କିଲୋର ଟ୍ୟୁମର



ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍: ଏକ ବିରଳ ଅସ୍ତ୍ରୋପଚାର ଦ୍ୱାରା ଜଣେ ଗର୍ଭବତୀ ମହିଳାଙ୍କ ପେଟରୁ ଏକ ସୁସ୍ଥ ଶିଶୁ ସହ ୪ କିଲୋ ଓଜନର ଟ୍ୟୁମର ବାହାର କରାଯାଇଛି। ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ୟୁନିଭର୍ସିଟି ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଏହି ବିରଳ ଅସ୍ତ୍ରୋପଚାର କରାଯାଇଛି। ୯ ମାସ ତଳେ ବ୍ରହ୍ମପୁର ଅଂଚଳର ଜଣେ ମହିଳା ନିଜର ପେଟରେ ବଢୁଥିବା ଟ୍ୟୁମରର ଚିକିତ୍ସା ପାଇଁ ସମ୍ ହସ୍ପିଟାଲ୍ ଆସିଥିଲେ। ତେବେ ଚିକିତ୍ସା ସମୟରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେଣୁ ତାଙ୍କର ଟ୍ୟୁମର ଚିକିତ୍ସା ସହ ଗର୍ଭାବସ୍ଥାର ମଧ୍ୟ ଯତ୍ନ ନେବା ଆରମ୍ଭ କରାଯାଇଥିଲା। ଠିକ୍ ୯ ମାସ ପରେ ଅସ୍ତ୍ରୋପଚାର ଯୋଗେ ମହିଳାଙ୍କ ପେଟରୁ ୪ କେଜିର ଟ୍ୟୁମର ବାହାର କରାଯିବା ସହ ସୁସ୍ଥ ଶିଶୁ ପୁତ୍ରଟିଏ ମଧ୍ୟ ଜନ୍ମ କରାଇବାରେ ସଫଳ ହୋଇଛନ୍ତି ସମ୍ ଡାକ୍ତର। ସମ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ଡାକ୍ତର ଏବଂ ଆଡ୍‌ଭାନ୍ସ ଲାପ୍ରୋସ୍କୋପିକ୍ ସର୍ଜନ୍ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ନିଖୁଣ ଭାବେ ଅପରେସନ୍ କରି ଦୁଇ କେଜି ୫୦୦ ଗ୍ରାମ୍‌ର ସୁସ୍ଥ ଶିଶୁକୁ ସଫଳ ଅସ୍ତ୍ରୋପଚାର ଯୋଗେ ଜନ୍ମ କରାଇବା ସହ ଟ୍ୟୁମର ମଧ୍ୟ କାଢ଼ିଛନ୍ତି। ବିଶେଷତଃ ଟ୍ୟୁମର ଥାଇ ମହିଳା ଗର୍ଭବତୀ ରହିବା ଏବଂ ଅସ୍ତ୍ରୋପଚାର କରି ଏହାକୁ ବାହାର କରିବା ସହ ଶିଶୁ ଜନ୍ମ ହେବା ଖୁବ୍ କଷ୍ଟକର ବ୍ୟାପାର ହୋଇଥାଏ। ଅପରେସନ୍ ସମୟରେ ଅଧିକ ରକ୍ତସ୍ରାବର ଭୟ ରହିଥାଏ। ତେବେ ଏହିସବୁ ସତ୍ତ୍ୱେ ଖୁବ୍ ସାବଧାନତାର ସହ ସଫଳ ଅସ୍ତ୍ରୋପଚାର କରିଛନ୍ତି ଡାକ୍ତର। ଡଃ ପ୍ରଦୀପ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡଃ ସୂର୍ଯ୍ୟକାନ୍ତ ଜୟସିଂହ ଏବଂ ନିଶ୍ଚେତକ ବିଭାଗର ଡଃ ଜନ୍ମେଜୟ ସାହୁଙ୍କ ସମେତ ଛଅ ଜଣିଆ ବିଶେଷଜ୍ଞ ଦଳ ଅପରେସନ୍‌ରେ ସାମିଲ ହୋଇଥିଲେ। ମା’ ଓ ଶିଶୁ ଉଭୟ ସୁସ୍ଥ ଅଛନ୍ତି।

ଅବସର ବୟସ ସୀମା ବୃଦ୍ଧି ଦାବି

କଟକ, ଏକ୍ସପ୍ରେସ୍ ନ୍ୟୁଜ୍: କଟକ ଜିଲ୍ଲା ମେଡିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସହିତ ଓଡିଶା ମେଡିକାଲ କର୍ମଚାରୀ ସଂଘ ସହ ଅନୁବନ୍ଧିତ ନୂତନ କର୍ମକର୍ତ୍ତାଙ୍କ ଏକବର୍ଷ ପୂର୍ତ୍ତି ପାଳନ ସଂଗେ ସଂଗେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସିଟି ହସ୍ପିଟାଲ ସଭା ଗୃହରେ ଓଡିଶା ମେଡିକାଲ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ବର୍ତ୍ତମାନ ବହୁ ସ୍ଥାନରେ କର୍ମଚାରୀଙ୍କ ଅବସର ଯୋଗୁଁ କାର୍ଯ୍ୟକ୍ଷେତ୍ରରେ ବଡ ସମସ୍ୟା ସୃଷ୍ଟି ହେଉଥିବା ବେଳେ ନୂତନ କର୍ମଚାରୀଙ୍କ ନିଯୁକ୍ତି ବଦଳରେ ଆଉଟ ସୋର୍ସିଙ୍ଗ କଣ୍ଟ୍ରାକ୍ଟୁଆଲ ଆରକେଏସ ମାଧ୍ୟମରେ କର୍ମଚାରୀଙ୍କୁ ରଖି ସରକାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟାକୁ କମାଇବାରେ ଲାଗିଛନ୍ତି । ଏହି ଠିକା ଆରକେଏସ୍ ଆଉଟ ସୋର୍ସିଂଙ୍କୁ ବନ୍ଦ କରାଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା ସହିତ ଡ୍ରେସ ଭତ୍ତା ବୃଦ୍ଧି ଏବଂ ଅବସରକାଳୀନ ବୟସ ସୀମାକୁ ୬୨ବର୍ଷ ବୃଦ୍ଧି କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ବିଭିନ୍ନ କାର୍ଯ୍ୟକ୍ଷେତ୍ରରୁ ଅବସରନେଇଥିବା କର୍ମଚାରୀଙ୍କୁ ଆଜି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ବିଜେଡିରେ ମିଶିଲେ ଆପ୍‌ର ଶତାଧିକ କର୍ମୀ

ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଆଜି ଆମ୍ ଆଦମୀ ପାର୍ଟି ରାଜ୍ୟ ସାଧାରଣ ସଂପାଦକ ନନ୍ଦଲାଲ ସିଂହ, ମୁଖପାତ୍ର ଭରଦ୍ୱାଜ ମିଶ୍ର, ରାଜ୍ୟ ଯୁବ ସଭାପତି ସୁବ୍ରତ ଛାଟୋଇ, ରାଜ୍ୟ ଛାତ୍ର ସଭାପତି ଜ୍ୟୋତି ରଞ୍ଜନ ମହାନ୍ତି, ବଲାଙ୍ଗୀର ଜିଲ୍ଲା ସଂଯୋଜକ ଅଜୟ ଦାସଙ୍କ ସହ ଆପ୍‌ର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଯୋଗଦାନ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଦଳ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ଯୋଗ ଦେଇଥିବା ଆପ୍‌ର ସମସ୍ତ ନେତା ଓ କର୍ମୀଙ୍କୁ ସଭାପତି ଶ୍ରୀ ପଟ୍ଟନାୟକ ସ୍ୱାଗତ କରିବା ସହ କହିଥିଲେ ଯେ ଆଜି ଆମ୍ ଆଦମୀ ପାର୍ଟିର ନେତା ଓ କର୍ମୀମାନେ ଆମ ଦଳରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ବିଜୁ ଜନତା ଦଳର ଶକ୍ତି ବୃଦ୍ଧିରେ ସହାୟକ ହେବ। ବିଜୁ ଜନତା ଦଳ କିପରି ଆହୁରି ଶକ୍ତିଶାଳୀ ହେବା ସହ ଜନସାଧାରଣଙ୍କୁ ସୁଶାସନ ଯୋଗାଇ ପାରିବ, ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନୂତନ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ମିଶ୍ର କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ଆଜି ବହୁତ ଆଗକୁ ଯାଇପାରିଛି। ଭୁବନେଶ୍ୱର ଆଜି ୧ ନମ୍ବର ସ୍ମାର୍ଟସିଟି ହୋଇଥିବା ବେଳେ ସ୍ମୋର୍ଟ୍ସ କ୍ୟାପିଟାଲରେ ପରିଣତ ହୋଇଛି। ଏପରିକି ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଯଥେଷ୍ଟ ଆଗରେ ରହିଛି। ୨୦୧୯ରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯେଭଳି ପୁଣିଥରେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିବେ, ସେଥିନିମନ୍ତେ ବିଜେଡିକୁ ଆମ୍ ଆଦମୀ ପାର୍ଟିର ପ୍ରାୟ ୭୦ ହଜାର କର୍ମୀ ତୃଣମୂଳ ସ୍ତରରେ ସାହାଯ୍ୟ କରିବେ। ଏଥିସହିତ ଦଳ ଯେଉଁ ଦାୟିତ୍ୱ ନ୍ୟସ୍ତ କରିବ, ସେ ଦାୟିତ୍ୱ ତୁଲାଇବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଆଜିର ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଏକଛତ୍ରବାଦୀ ରାଜନୀତି ଦେଶ ପାଇଁ ଗ୍ରହଣୀୟ ନୁହେଁ: ସୁରେନ୍ଦ୍ର ନାୟକ

ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍: ସମ୍ପ୍ରତି ଅନୁଷ୍ଠିତ ହୋଇଥିବା ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ସଚେତନ ଜନସାଧାରଣ ସାମ୍ପ୍ରଦାୟିକତା ଓ ଏକଛତ୍ରବାଦୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାରତବର୍ଷର ଗଣତନ୍ତ୍ର ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ସତ୍ୟ, ଅହିଂସା, ସହନଶୀଳତା, ସର୍ବଧର୍ମ ସମନ୍ୱୟ ଆଦି ଉପରେ ପ୍ରତିଷ୍ଠିତ ହୋଇଥିବାବେଳେ ଗାନ୍ଧୀବାଦକୁ କବର ଦେଇ ଉଗ୍ର ସାମ୍ପ୍ରଦାୟିକତା ବିଷ ଆଧାରରେ କ୍ଷମତା ଉପଭୋଗ ଲାଗି ଯେଉଁ ଘୃଣ୍ୟ ଉଦ୍ୟମ ଚାଲିଛି ତାହାକୁ ଦେଶବାସୀ ଅଧିକ ଦିନ ବରଦାସ୍ତ କରିବେ ନାହିଁ ବୋଲି ଏହି ନିର୍ବାଚନର ଫଳାଫଳରୁ ସ୍ପଷ୍ଟ ଜଣାପଡୁଥିବା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଏକ ବିବୃତିରେ କହିଛନ୍ତି। ଗର୍ବ, ଅହଂକାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ସାମ୍ପ୍ରଦାୟିକତାରୁ ସମସ୍ତ ରାଜନୈତିକ ଦଳ ଦୂରରେ ରହି ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ସହିତ ଦରିଦ୍ରତମ ଲୋକଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ ଭାବେ କାମ ନକଲେ ଜନସାଧାରଣ ଯେକୌଣସି ଦଳକୁ ବି ପ୍ରତ୍ୟାଖ୍ୟାନ କରିବାକୁ ପଛେଇବେ ନାହିଁ ବୋଲି ଏହି ନିର୍ବାଚନୀ ଫଳାଫଳ ସ୍ପଷ୍ଟ ସଂକେତ ଦେଉଥିବା ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳ ଓ ନେତାମାନେ ଏଥିରୁ ଶିକ୍ଷାଲାଭ କରନ୍ତୁ ବୋଲି ଶ୍ରୀ ନାୟକ ଉଲ୍ଲେଖ କରିଛନ୍ତି।

କୋର୍ଟଙ୍କ ନିର୍ଦ୍ଦେଶ ପରେ ମୁକ୍ତ ହେଲା ବୈଜୟନ୍ତଙ୍କ ହେଲିକପ୍ଟର

ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍: ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଚିଲିକା ଉପରେ ବେଆଇନ୍ ଉଡାଣ କରିଥିବା ଅଭିଯୋଗରେ ସିଲ୍ ହୋଇଥିବା ହେଲିକ୍ୟାପ୍ଟର ମୁକ୍ତ ହୋଇଛି। ପୁରୀ ଏସଡିଜେଏମ୍‌ଙ୍କ ନିର୍ଦ୍ଦେଶ ପରେ ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଥିବା ଇମ୍ପାର ହ୍ୟାଙ୍ଗର ଭିତରୁ ହେଲିକପ୍ଟରର ସିଲ୍ ଖୋଲାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନାମରେ ବେଆଇନ୍ ଉଡାଣ ଅଭିଯୋଗ ଆସିବା ପରେ ଭୁବନେଶ୍ୱରରେ ଥିବା ଇମ୍ପାର ହ୍ୟାଙ୍ଗରକୁ ପୁରୀ ପୋଲିସ ଦ୍ୱାରା ସିଲ୍ କରାଯାଇଥିଲା। ଡିଜିସିଏଙ୍କ କ୍ଲିନଚିଟ୍ ପରେ ନଭେମ୍ବରରେ ପୋଲିସ ହ୍ୟାଙ୍ଗର ସିଲ୍ ଖୋଲିଥିଲା। ମାତ୍ର ହ୍ୟାଙ୍ଗର ଖୋଲିଥିଲେ ବି, ଅଭିଯୋଗ ଥିବା ହେଲିକପ୍ଟରକୁ ସିଲ୍ କରି ରଖିଥିଲା। ଏନେଇ ଇମ୍ପା ଆଭିଏସନ୍ କର୍ତ୍ତୃପକ୍ଷ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।

ବେପାର ଦୁନିଆ

ଭଲ ରେଟିଂ ପାଇଲା ସେୟାର ବଜାର

ମୁମ୍ବାଇ, ଏକ୍ସପ୍ରେସ୍ ନ୍ୟୁଜ୍: ସେୟାରବଜାର ତଳକୁ ଖସିଥିଲେ ମଧ୍ୟ ଏହା ପରେ ଭଲ ରେଟିଂ ହାସଲ କରିବାରେ ସକ୍ଷମ ହୋଇଛି। ସକାଳୁ ୫ଶହରୁ ଅଧିକ ଅଙ୍କ ତଳକୁ ଖସିବା ପରେ ଦ୍ୱିପହରେ ଉପରକୁ ଉଠି ଅପରାହ୍ନ ୨ଟା ୨୮ ବେଳକୁ ୦.୩୪ % ଅଭିବୃଦ୍ଧି ହାସଲ କରିଥିଲେ। ସେହିଭଳି ନିଫ୍ଟି ମଧ୍ୟ ୦.୪୧ % ମଜଭୂତ ହୋଇଛି। ଶେଷବେଳକୁ ସେନସେକ୍ସ ୨୩୧ ଅଙ୍କ ଏବଂ ନିଫ୍ଟି ୬୯.୫୦ ଅଙ୍କ ବୃଦ୍ଧି ଅର୍ଥାତ୍ ସବୁଜସଙ୍କେତରେ ବନ୍ଦ ହୋଇଛି। ଅପରାହ୍ନ ୨ଟା ୩୦ ବେଳକୁ ସେନସେକ୍ସର ୩୧ଟି ମଧ୍ୟରୁ ୧୯ଟି ସେୟାର ସବୁଜ ସଙ୍କେତ ମଧ୍ୟରେ ଚାଲୁଥିଲା। ମାତ୍ର ୧୨ଟି ସେୟାରରେ ଅଭିବୃଦ୍ଧି ଦେଖିବାକୁ ମିଳିନଥିଲା। ସେହିପରି ନିଫ୍ଟିର ୩୪ଟି ସେୟାର ମଧ୍ୟରୁ ୧୬ଟି ସେୟାରରେ ଭଲ ବ୍ୟବସାୟର ମାହୋଲ ସୃଷ୍ଟି ହୋଇଥିଲା। ଏହି ସମୟରେ ସେନସେକ୍ସରେ ଭଲ କାରବାର କରିଥିବା ସେୟାରରେ ୟେସ୍ ବ୍ୟାଙ୍କ ୬.୦୮ % , ସନ୍ ଫାର୍ମା ୫.୩୦ %, ଏସିଆନ୍ ପେଣ୍ଟସ୍ ୪.୦୨ %, ଆକ୍ସିସ୍ ବ୍ୟାଙ୍କ ୩.୧୩ %, ଏସ୍‌ବିଆଇ ୨.୬୦%, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ୨.୧୦%, ଆଇଟିସି ୧.୯୭%, କୋଲ୍ ଇଣ୍ଡିଆ ୧.୭୬%, ୱିପ୍ରୋ ୧.୬୭%, ଟିସିଏସ୍ ୧.୪୨% ଦୃଢତା ହାସଲ କରିଛି। ସେହିପରି ନିଫ୍ଟିରେ ୟେସ୍ ବ୍ୟାଙ୍କ ୫.୫୫%, ସନ୍ ଫାର୍ମା ୫.୩୧%, ଏସିଆନ ପେଣ୍ଟସ୍ ୩.୯୯%, ଆକ୍ସିସ୍ ବ୍ୟାଙ୍କ ୩.୧୨%, ଜି ଏଣ୍ଟରଟେନ୍‌ମେଣ୍ଟ ୨.୯୭%, ଅଲଟ୍ରାଟେକ୍ ସିମେଣ୍ଟ ୨.୮୭ %, ଇନ୍‌ଫୋଟେଲ୍ ୨.୬୪%, ଟେକ୍ ମହିନ୍ଦ୍ରା ୨.୫୭%, ଏଚସିଏଲଟେକ୍ ୨.୩୯% ଏବଂ ଏସ୍‌ବିଆଇ ୨.୩୭% ମଜଭୂତ ହୋଇଛି।



ଟାଟା ଷ୍ଟିଲର ମାରାଥନ୍

କୋଲକାତା, ଏକ୍ସପ୍ରେସ୍ ନ୍ୟୁଜ୍: ଟାଟା ଷ୍ଟିଲ୍ କୋଲକାତା ୨୫କେରେ ଅଂଶଗ୍ରହଣ କରିଛନ୍ତି ୬୦ ବର୍ଷୀୟ ବୟସ୍କ। ଏହି ଦୌଡରେ ଭାଗ ନେଇଥିବା ବରିଷ୍ଠ ନାଗରିକ ନୂତନ ଯୁବା ପିଢିଙ୍କୁ ଉତ୍ସାହ ଯୋଗାଇବା ସହ ଆଇଏଏଏଫ୍ ବ୍ରୋଞ୍ଜ ବିଭାଗରେ ନୂତନ ଇତିହାସ ଗଢିଛନ୍ତି। ଏହି ଦୌଡରେ ୭୦ ବର୍ଷୀୟ ପରମଜିତ୍ ସିଂହ, ୬୯ୟ ଦୁଖିରାମ ପାଢି, ୬୯ୟ ଗୁରଦୀପ ସିଂୟ ଆଦି ୨୫କେ ଭାଗ ନେବା ସହ ୭୪ ବର୍ଷୀୟ ଶିବ କୁମାର ଡାଲମିଆ, ୬୫ୟ ସୌରଜିତ୍ ଘୋଷ ଓ ୭୪ୟ ଜୋନାକି ମିତ୍ର ଆଦି ୧୦କେ ମାରାଥନ୍‌ରେ ଭାଗ ନେଇଛନ୍ତି। ବାଙ୍ଗଲାଦେଶ ଚିଟାଗଙ୍ଗର ୭୪ ବର୍ଷୀୟ ଅବସରପ୍ରାପ୍ତ ବିଜନେସ୍ ମ୍ୟାନ୍ ନିରପେନ୍ ଚୌଧରି କହିଛନ୍ତି ଯେ, ମୁଁ ମୋ ଦୈନନ୍ଦିନ ଜୀବନରେ ଯୋଗ ଓ ପ୍ରାଣାୟମ କରିବା ସହ। ବେଳେବେଳେ ସାଙ୍ଗ ମାନଙ୍କ ସହ ପ୍ରାତଃ ଭ୍ରମଣ କରିଥାଏ। କିନ୍ତୁ ୨୦୧୬ରେ ଅନୁଭବ କଲି ଯେ ମୁଁ ନିଜ ସମବୟସର ବ୍ୟକ୍ତିଙ୍କ ଠାରୁ ବହୁତ ସୁସ୍ଥ ଏବଂ ଭୁର୍ତ୍ତି ଅଛି। ଆନ୍ତର୍ଜାତିୟ ମାରାଥନ୍ ରେସର ଭିଡ଼ିଓ ମୋତେ ବହୁତ ପ୍ରେରଣା ଯୋଗାଇଥିଲା। ୨୦୧୬, ୬୫ ବର୍ଷ ବୟସରଙ୍କ ମୁଁ ମୋ ଜୀବନର ପ୍ରଥମ ମାରାଥନ ଦୌଡ଼ରେ ଭାଗ ନେଇଥିଲି।

ଆଶିକା ଗ୍ରୁପ୍ ସମ୍ମାନିତ

ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍: ପଶ୍ଚିମବଙ୍ଗର କୋଲକାତା ଠାରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଅଗ୍ରଣୀ ଆର୍ଥିକ ସେବା ପ୍ରଦାନକାରୀ ଆଶିକା ଗ୍ରୁପ୍ ପୁଣି ଏକ ଟାଇଟାଲ୍ ନିଜ ସହିତ ଯୋଡ଼ିଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବର୍ଷର ଆଂଚଳିକ ଖୁଚୁରା ସଦସ୍ୟ ୨୦୧୮ ପୁରସ୍କାର ଅବସରରେ ରିଜିଓନାଲ୍ ରିଟେଲ୍ ମେମ୍ବର ଅଫ ଦି ଇୟର ୨୦୧୮-ଇଷ୍ଟର୍ଣ୍ଣ ରିଜିଅନ୍ ପୁରସ୍କାର ଜିତିଛି। ମୁମ୍ବାଇର ସେଂଟ୍ ରେଜିସ୍‌ରେ ନିକଟରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କଂପାନି ଏହି ଟାଇଟାଲ୍ ହାସଲ କରିଛି। ଡିସେମ୍ବର ୩ ତାରିଖରେ ଆଶିକା ଗ୍ରୁପ ତରଫରୁ ଦୌଲତ ଜୈନ ଓ ଶ୍ରୀଯୁକ୍ତ ଦିଲ୍ଲୀପ ମିନ୍ନି ଏହି ପୁରସ୍କାରକୁ ଶ୍ରୀଯୁକ୍ତ ବିକ୍ରମ ଲିମାୟେ, ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଂଜ୍ ଠାରୁ ଗ୍ରହଣ କରିଛନ୍ତି। ଏକ ଅଗ୍ରଣୀ ଆର୍ଥିକ ସେବା ପ୍ରଦାନକାରୀ ଭାବେ ଆଶିକା ଗ୍ରୁପ୍ ପକ୍ଷରୁ ବିଭିନ୍ନ ପ୍ରକାର ଉତ୍ପାଦ ଓ ସେବା ଯଥା ସିକ୍ୟୁରିଟିଜ୍ ଟ୍ରେଡିଂ, ଡିପୋଜିଟୋରି, ବିତରଣ, କର୍ପୋରେଟ୍ ଋଣ ଓ ଇନଭେଷ୍ଟମେଂଟ୍ ବ୍ୟାଙ୍କିଙ୍ଗ ସୁବିଧା ଗୋଟିଏ ଛାତ ତଳେ ଉତ୍ସର୍ଗୀକୃତ ଟିମ୍ ଓ ଅଭିଜ୍ଞ ପ୍ରଫେସନାଲ୍‌ଙ୍କ ଜରିଆରେ ପ୍ରଦାନ କରାଯାଉଛି। ଏହି ପୁରସ୍କାର ଜିତିବା ବିଷୟରେ ଦୌଲତ ଜୈନ, ପରିଚାଳନା ନିର୍ଦ୍ଦେଶକ ଓ ସହ-ପ୍ରମୋଟର, ଆଶିକା ଗ୍ରୁପ୍ କହିଛନ୍ତି ଯେ, ଏହି ପୁରସ୍କାର ହାସଲ କରିବା ଏକ ବହୁତ ବଡ଼ ଉପଲବ୍ଧି। ଏହି ପୁରସ୍କାରର ଶ୍ରେୟ ମୁଁ ଆଶିକା ଗ୍ରୁପର ପ୍ରତି ସଦସ୍ୟଙ୍କୁ ପ୍ରଦାନ କରୁଛି ଓ ଶୁଭେଚ୍ଛୁଙ୍କ ଶୁଭକାମନା ଓ ଆଶୀର୍ବାଦକୁ ମଧ୍ୟ ଧନ୍ୟବାଦ ଦେଉଛି ଯାହାଙ୍କ ସମର୍ଥନ ବିନା ଆଶିକା ଗ୍ରୁପ୍ ଏହି ଦିନରେ ପହଂଚିପାରିନଥାନ୍ତା। ଆମେ ଆପଣଙ୍କର ଏହି ନିରନ୍ତର ସମର୍ଥନକୁ ଧନ୍ୟବାଦ ପ୍ରଦାନ କରୁଛୁ।

ଅଳ୍ପରେ...

୧୬ରେ ଆମାଜନ୍‌ର ସ୍ମଲ୍ ବିଜନେସ୍ ଡେ’

ନୂଆଦିଲ୍ଲୀ, ଏକ୍ସପ୍ରେସ୍ ନ୍ୟୁଜ୍: ଦେଶର ଅଗ୍ରଣୀ ଅନଲାଇନ୍ ସଂସ୍ଥା ଆମାଜନ୍ ପକ୍ଷରୁ ପ୍ରଥମଥର ପାଇଁ ଡିସେମ୍ବର ୧୬ ତାରିଖରେ ସ୍ମଲ୍ ବିଜନେସ୍ ଡେ ପାଳିତ ହେବ। ଏହା ମାଧ୍ୟମରେ ଦେଶର କ୍ଷୁଦ୍ର ତଥା ଅଣୁ ବ୍ୟବସାୟୀଙ୍କୁ ବିକ୍ରିର ସୁଯୋଗ ପ୍ରଦାନ କରାଯିବ। ଏହା ଅନ୍ତର୍ଗତ କଳା ହାଟ, ଆମାଜନ ସହେଲୀ, ଆମାଜନ ସିଲେକ୍ଟ, ଆମାଜନ ଲଂଚପ୍ୟାଡ୍ ଆଦିର କାର୍ଯ୍ୟକାରୀତାକୁ ସମ୍ପ୍ରସାରଣ କରାଯିବ। ଏହା ୨୦୧୮ ଡିସେମ୍ବର ୧୬ ମଧ୍ୟରାତିରୁ ଆରମ୍ଭ ହେବ। ଏହା ଦ୍ୱାରା କ୍ଷୁଦ୍ର ତଥା ଅଣୁ ବ୍ୟବସାୟୀଙ୍କ ବିକାଶକୁ ପ୍ରାଥମିକତା ଦିଆଯିବ। ଏହି ବଅସରରେ ଗ୍ରାହକଙ୍କୁ ୧୦% କ୍ୟାସବ୍ୟାକ୍ ସୁବିଧା ପ୍ରଦାନ କରାଯିବ। ଏହାଦ୍ୱାରା ସ୍ଥାନୀୟ ନିଯୁକ୍ତି ସୁଯୋଗ ତଥା କାରବାର ସୁବିଧା ସୁଯୋଗ ଏବଂ ଆର୍ଥିକ ବିକାଶକୁ ଋଦ୍ଧିମନ୍ତ କରାଯାଇପାରିବ। ଏହି ଅବସରରେ ଆମାଜନ ଇଣ୍ଡିଆ ସେଲର ସର୍ଭିସ୍‌ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନଜର ଗୋପାଲ ପିଲାଇ କହିଲେ, ଆମାଜନ୍ ଡଟ୍ ଇନ୍‌ରେ ଥିବା ଅଧିକାଂଶ ସେଲର କ୍ଷୁଦ୍ର ଏବଂ ଅଣୁ ବ୍ୟବସାୟୀ। ସେମାନଙ୍କର କାରବାର ବୃଦ୍ଧି ତଥା ଆର୍ଥିକ ବିକାଶ ଏହି କାର୍ଯ୍ୟକ୍ରମ ଦ୍ୱାରା ସମ୍ପନ୍ନ ହୋଇପାରିବ। ଆମେ ଏହା ମାଧ୍ୟମରେ ଗ୍ରାହଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନର ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଗ୍ରାହକ ବିଶେଷ ଉପକୃତ ହୋଇ ପାରିବେ। ଆମାଜନ ସ୍ମଲ୍ ବିଜନେସ୍ ଡେ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ତଥା ଡିଜିଟାଲ ଇଣ୍ଡିଆ ଲକ୍ଷ୍ୟକୁ ପୂରଣ କରିବାକୁ ସକ୍ଷମ ହେବ। ଭାରତର ମଧ୍ୟମ ତଥା କ୍ଷୁଦ୍ର ଉଦ୍ୟୋଗୀ ଅନ୍‌ଲାଇନ୍ କାରବାରରେ ବେଶ୍ ଉପକୃତ ହୋଇଥିବାବେଳେ ଏହି ନୂତନ ପ୍ରୟାସ ଦ୍ୱାରା ୨୦୨୦ ସୁଦ୍ଧା ଏହି କ୍ଷେତ୍ରରେ ୫୫% ବିକାଶ ସମ୍ଭବ ହୋଇପାରିବ।

ଭାରତରେ ଭିସାର କଣ୍ଟାକ୍ଟଲେସ୍ କାର୍ଡ ସଂଖ୍ୟା ୨୦ ନିୟୁତ ଟପିଲା

ନୂଆଦିଲ୍ଲୀ, ଏକ୍ସପ୍ରେସ୍ ନ୍ୟୁଜ୍: ଭାରତରେ ଭିସାର ପକ୍ଷରୁ ବ୍ୟବହାର କରାଯାଉଥିବା କଂଟାକ୍ଟଲେସ୍ କାର୍ଡ ସଂଖ୍ୟା ୨୦ ନିୟୁତ ଟପିଛି। ୨୦୧୫ରେ ଏହା ପ୍ରଥମେ କଂଟାକ୍ଟଲେସ୍ କାର୍ଡର ପ୍ରଚଳନ କରିଥିଲା। ଭାରତରେ କଂଟାକ୍ଟଲେସ୍ ପେମେଂଟ୍ କାରବାର ବୃଦ୍ଧି ହେଉଥିବାରୁ ଏହା ସମ୍ଭବ ହୋଇପାରିଛି। ଦେଶରେ ଏହାର କଂଟାକ୍ଟଲେସ୍ ଟର୍ମିନାଲ ସଂଖ୍ୟା ୧ ନିୟୁତରୁ ଅଧିକ ରହିଛି। ଏହି ଅବସରରେ ଭିସାର ଭାରତ ତଥା ଦକ୍ଷିଣ ଭାରତ ଗ୍ରୁପ୍ କଂଟ୍ରି ମ୍ୟାନେଜର ଟିଆର୍ ରାମଚନ୍ଦ୍ର ଗୁପ୍ତା କହିଲେ, ଗତ ତିନି ବର୍ଷରୁ ଅଧିକ ସମୟ ମଧ୍ୟରେ ଆମେ କ୍ଲାଏଂଟଙ୍କୁ ବିଶେଷ ଆକର୍ଷିତ କରିବା ସହିତ ଭାରତରେ ୨୦ ନିୟୁତ ଗ୍ରାହକ ସୃଷ୍ଟି କରିପାରିଛୁ। ଭାରତରେ କଂଟାକ୍ଟଲେସ୍ ଗ୍ରହଣୀୟତାକୁ ସମ୍ପ୍ରସାରଣର ଉଦ୍ୟମ ଆମେ ଅବ୍ୟାହତ ରଖିଛୁ। ଗ୍ରାହକଙ୍କ ସୁବିଧା ପାଇଁ ଏକ ନିୟୁତରୁ ଅଧିକ ପଏଂଟ୍ ସ୍ଥାପିତ କରିପାରିଛୁ। ଗ୍ରାହକଙ୍କ ମଧ୍ୟରେ ଡିଜିଟାଲ କାରବାର ବୃଦ୍ଧି କରାଇବା ଆମର ପ୍ରମୁଖ ଲକ୍ଷ୍ୟ। ଭାରତରେ ୩.୩ ନିୟୁତରୁ ଅଧିକ ବ୍ୟବସାୟୀ କ୍ୟାସଲେସ୍ ପେମେଂଟକୁ ଗ୍ରହଣ କରୁଥିବାବେଳେ ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟକୁ ସାକାର କରିବାର ପ୍ରୟାସ ଜାରି ରଖିଛନ୍ତି। ଇତିମଧ୍ୟରେ ଆରବିଆଇ ସମସ୍ତ ମ୍ୟାଗ୍ନେଟିପ୍ କାର୍ଡର ପରିବର୍ତ୍ତନ ଇଏମଭି ଚିପ୍ ଦ୍ୱାରା ୨୦୧୮ ଡିସେମ୍ବର ସୁଦ୍ଧା କରିବାକୁ ଜାରି କରିଛନ୍ତି ନିର୍ଦ୍ଦେଶନା ଦେଇଛନ୍ତି। କଂଟାକ୍ଟଲେସ୍ କାର୍ଡ ପେମେଂଟ ବ୍ୟବସ୍ଥାକୁ ସହଜ କରିଥାଏ। ଭିସା ପକ୍ଷରୁ ଇତିମଧ୍ୟରେ ୨୦ ନିୟୁତ କଂଟାକ୍ଟଲେସ୍ କାର୍ଡ ପ୍ରଚଳିତ ହେଉଥିବାବେଳେ ୨୦୧୮ ଶେଷ ସୁଦ୍ଧା ଏହାର ସଂଖ୍ୟା ୧.୫ ବିଲିୟନକୁ ବୃଦ୍ଧି ପାଇବାର ଆଶା ରହିଛି। ପୃଥିବୀର ମାଦ୍ରିଦ୍, ମାଂଚେଷ୍ଟର, ମିଲାନ୍, ରାଓ ଡି ଜେନେରୋ, ସଙ୍ଗାପୁର, ହେଲସନିକି, ରୋମ୍ ଆଦି ସହରରେ କଂଟାକ୍ଟଲେସ୍ କାର୍ଡ ବ୍ୟବହାର କ୍ଷେତ୍ରରେ ଖ୍ୟାତି ହାସଲ କରିପାରିଛନ୍ତି। ଭାରତରେ ଏହି ଲକ୍ଷ୍ୟ ପୂରଣ ଜାରି ରହିଛି। ଭିସା କାର୍ଡ ଦ୍ୱାରା ୨,୦୦୦ଟଙ୍କା ପର୍ଯ୍ୟନ୍ତ କାରବାରରେ ପିନ୍ କିମ୍ବା ସ୍ୱାକ୍ଷର ହୋଇଥବବା ରିସିପ୍ଟର ଆବଶ୍ୟକତା ପଡ଼ି ନ ଥାଏ। ସୁପରମାର୍କେଟ୍, ଡାଇନିଂ, ଏଂଟର୍ଟ୍ରେନମେଂଟ୍ ଭେନ୍ୟୁ, ବିଗ୍ ବଜାର, ରିଲାଏନ୍ସ, ପିଭିଆର୍, ବିଶାଳ, ମେଗାମାର୍ଟ ଆଦିରେ ଏହାର ବ୍ୟବହାର ସହଜରେ ହୋଇପାରିଥାଏ। ଭିସା କାର୍ଡରେ ଏକ ଆଂଟିନା ଏବଂ ମାଇକ୍ରୋଚିପ୍ ରହିଛି, ଯାହାକି ସଫଳ ତଥା ସୁରକ୍ଷିତ ଭାବେ କାର୍ଯ୍ୟ କରିଥାଏ। ସୂଚନାଯୋଗ୍ୟ, ଭିସା କ୍ୟାସ୍‌ଲେସ୍ କାରବାର କ୍ଷେତ୍ରରେ ଖ୍ୟାତି ହାସଲ କରିପାରିଛି। ଏହା ଏକ ସେକେଣ୍ଡରେ ୬୫,୦୦୦ କାରବାର ମ୍ୟାସେଜ୍ ସଂଗୃହୀତ କରିପାରିଥାଏ।

Visa Classic
4000 1234 5678 9010
4000
GOOD THRU 12/20
EISHA KHANNA
VISA

ମୁଦ୍ରାର ମୂଲ୍ୟ

୧ ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡ
= ୯୦.୯୬ ଟଙ୍କା
୧ ୟୁରୋ
= ୮୧.୬୩ ଟଙ୍କା
୧ ଆମେରିକୀୟ ଡଲାର
= ୭୧.୮୨ ଟଙ୍କା
୧ ଅଷ୍ଟ୍ରେଲିଆ ଡଲାର
= ୫୧.୮୮ ଟଙ୍କା